ଓଁ ଶ୍ରୀ ଗଣେଶାୟ ନମଃ

ପ୍ରାଚୀନ ଭାରତୀୟ ବୈଦିକ ସାହିତ୍ୟ
Vedic Literature of Ancient India

# ଅଥର୍ବବେଦ

(अथर्ववेद / Atharvaveda)

ଓଁ ଶ୍ରୀ ଗଣେଶାୟ ନମଃ

ପ୍ରାଚୀନ ଭାରତୀୟ ବୈଦିକ ସାହିତ୍ୟ

Vedic Literature of Ancient India

# ଅଥର୍ବବେଦ

## ଶୌନକ ସଂହିତା

(*शौनक संहिता*)

(Shaunaka Samhitaa)


ସଂପାଦନ - ଶ୍ରୀ ପ୍ରକାଶ ପ୍ରଧାନ

Editor – Prakash Pradhan


ଭାଷା - ସଂସ୍କୃତ-ଓଡିଆ

Language – Sanskrit - Odia


ଶୁଦ୍ଧିକରଣ (Proofreading by)

ଶ୍ରୀ ଗଙ୍ଗାଧର ପଣ୍ଡା

ଶ୍ରୀ କମଳ ଲୋଚନ ପଣ୍ଡା




**ଶ୍ରୀ ପ୍ରକାଶ ପ୍ରଧାନ**

ସଂପାଦନା

prakash@scholarshoppe.com


## ଶୁଦ୍ଧିକରଣ




**ଶ୍ରୀ କମଳ ଲୋଚନ ପଣ୍ଡା**

ଜିଲ୍ଲା ଅଧ୍ୟକ୍ଷ, ବୈଦିକ ବ୍ରାହ୍ମଣ ପରିଷଦ,

ସମ୍ବଲପୁର,  ଓଡ଼ିଶା

klpandajsg@gmail.com





**ଶ୍ରୀ ଗଙ୍ଗାଧର ପଣ୍ଡା**

ପ୍ରଧାନ ଅଧ୍ୟାପକ,

ନବଜୀବନ ବେଦ ବିଦ୍ୟାଳୟ , ମଦନମୋହନପୁର

ବ୍ରହ୍ମପୁର, ଗଞ୍ଜାମ, ଓଡ଼ିଶା

# ପୂର୍ବାଭାଷ

**ଓଁ ଶ୍ରୀ ଗଣେଶାୟ ନମଃ**

ମାତୃପିତୃଭ୍ୟାଂ ନମଃ ।
ସର୍ବଭ୍ୟୋ ଗୁରୁଭ୍ୟୋ ନମଃ ।
ଶ୍ରୀ ମହାଗଣପତୟେ ନମଃ ।
ଶ୍ରୀ ସରସ୍ୱତ୍ୟୈ ନମଃ ।
ସର୍ବଭ୍ୟୋ ଦେବେଭ୍ୟୋ ନମଃ ।
ଶ୍ରୀ ବେଦାୟ ନମଃ ।
ଶ୍ରୀ ବେଦପୁରୁଷାୟ ନମଃ ।

**୧୩ ଜୁଲାଇ ୨୦୨୨, ବ୍ୟାସ ପୂର୍ଣ୍ଣିମା,** ଓଡିଆ ଭାଷାରେ ବେଦମାନଙ୍କର ରୂପାନ୍ତର ସୃଙ୍ଖଳାରେ ଏହା ମୋର ୪ର୍ଥ ପ୍ରକଳ୍ପ । "ଋକ୍-ବେଦ", ଯଜୁର୍ବେଦ, ଓ "୧୦୮ ଉପନିଷଦ" ଓଡିଆ ଭାଷାରେ ରୂପାନ୍ତର କରିବା ପରେ, ପାଠକ ଓ ଶୁଭେଚ୍ଛୁମାନଙ୍କ ଅନୁରୋଧ କ୍ରମେ "**ଅଥର୍ବବେଦ**" ଓ "**ସାମବେଦ**"ଙ୍କୁ ଓଡିଆ ଭାଷାରେ ରୂପାନ୍ତର କରିବା ପ୍ରକଳ୍ପ ହାତକୁ ନେଲି, ଓ ଏହା ଉପରେ ଗବେଷଣା ତଥା କାର୍ଯ୍ୟ କରିବାକୁ ଲାଗିପଡିଲି । ଏହି ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟରେ " ଅଥର୍ବବେଦ " ସମାପନ କରିବାର ନିଷ୍ପତି ନେଇ କାର୍ଯ୍ୟ ଆରମ୍ଭ କରିଦେଲି । ସେଥିପାଇଁ ଉପଲବ୍ଧ "**ଶୌନକ ସଂହିତା**"ଙ୍କୁ ଓଡିଆ ଲିପିରେ ରୂପାନ୍ତର କାର୍ଯ୍ୟ ଆରମ୍ଭ କରିଦେଲି । ଅନେକଦିନ କାର୍ଯ୍ୟକରିବା ପରେ "**ଶୌନକ ସଂହିତା**"ର ରୂପାନ୍ତର କାର୍ଯ୍ୟ ଶେଷ ହେଲା । ଏହି ପ୍ରକଳ୍ପର ୨ୟ ପର୍ଯ୍ୟାୟରେ "ସାମବେଦ"ଙ୍କୁ ଓଡିଆ ଲିପିରେ ରୂପାନ୍ତର କାର୍ଯ୍ୟ ଆରମ୍ଭକରି, ଏହାର ଉପଲବ୍ଧ "କୌଥୁମ ସଂହିତା"ଙ୍କର ରୂପାନ୍ତର ମଧ୍ୟ ଶେଷ ହେଲା । ଏହି ସଂସ୍କରଣର ବିଶେଷତ୍ୱ ଏହା ଯେ, ଏଥିରେ ପ୍ରତ୍ୟେକ ମନ୍ତ୍ରର ଋଷି, ଦେବତା ଓ ଛନ୍ଦ ନିର୍ଣ୍ଣୟ କରିବାରେ ବହୁ ପରିଶ୍ରମପୂର୍ବକ କାର୍ଯ୍ୟ କରାଯାଇଅଛି, ତଥା ଅନ୍ୟ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମାନଙ୍କର ସୂଚନା ମଧ୍ୟ ଦିଆଯାଇଛି । ଏହି ସଂସ୍କରଣରେ ଯେଉଁ ସବୁ ବିଶେଷ୍ୱତ ରହିଛି, ସେମାନଙ୍କର ସ୍ୱଳ୍ପ ବିବରଣୀ ଆଗାମୀ ପୃଷ୍ଠାରେ ଦିଆଯାଇଛି ।

Not For Commercial Use

ଏହି ରୂପାନ୍ତରଣରେ ୧୯୫୪ ମସିହାର ଏକ ପୁରୂଣା ପୁସ୍ତକ "ଅଥର୍ବବେଦ - ଶୌନକ ସଂହିତା"କୁ ଆଧାର ରୂପେ ନିଆଯାଇଛି, ତଥା ଅନ୍ୟ ଗୁରୁତ୍ୱପୂର୍ଣ୍ଣ ସୂତ୍ରମାନଙ୍କୁ ନେଇ ଏହି ସଂସ୍କରଣର ସମାପନ କରାଯାଇଛି । ସମସ୍ତ ସୂତ୍ରର ସୂଚନା ତଳେ "ସୂତ୍ର ସୂଚନା" ଦିଆଯାଇଛି ।

ଏହି ରୂପାନ୍ତରଣରେ "ଅଥର୍ବବେଦ"ର ସ୍ୱର (ଉଦାତ୍ତ, ଅନୁଦାତ୍ତ, ସ୍ୱରିତ ଇତ୍ୟାଦି) ମାନଙ୍କର ଶଂକେତ ବା ଚିହ୍ନ ଦିଆଯାଇନାହିଁ । ଏହାର କାରଣ ଓଡିଆ ଲିପିରେ ସେ ପ୍ରକାର ସ୍ୱତନ୍ତ୍ର ବ୍ୟବସ୍ଥା ନାହିଁ । ତଥାପି ଏହା ଉପରେ ଗବେଷଣା ଜାରି ରହିଛି, ହୋଇପାରେ ଏହାର ପରବର୍ତ୍ତି ସଂସ୍କରଣରେ ଏହା ଉପଲବ୍ଧ ହେବ । ୱେବ ସାଇଟରେ ସମସ୍ତ ଶ୍ଳୋକ ବା ମନ୍ତ୍ରମାନଙ୍କର ସ୍ୱରାବୃତି ଉପଲବ୍ଧ ଅଛି, ପାଠକମାନେ ଏହାକୁ ଶୁଣି ପାରିବେ ବା ଅଭ୍ୟାସ କରିପାରିବେ ।

"ଅଥର୍ବବେଦ"ର ଓଡିଆ ଲିପିରେ ରୂପାନ୍ତର ସରିବା ପରେ, ଏହା ଠିକ୍ ରେ ରୂପାନ୍ତର ହେଲା କି ନାହିଁ, ତାହାର ଶୁଦ୍ଧିକରଣ (ପ୍ରୁଫ୍-ରିଡିଙ୍ଗ୍) ଆବଶ୍ୟକ ଥିଲା । ଏଥିପାଇଁ ମୂଳ ଦସ୍ତାବେଜ ସଙ୍ଗରେ ରୂପାନ୍ତରୀତ ଦସ୍ତାବେଜର ଯାଞ୍ଚ କରିବାପାଇଁ, ୨ଜଣ ଅଲଗା ଅଲଗା ଶୁଦ୍ଧିକରଣ କାର୍ଯ୍ୟରେ ଲାଗିଥିଲେ । ସେମାନଙ୍କ ମଧ୍ୟରୁ "ଶ୍ରୀ ଗଙ୍ଗାଧର ପଣ୍ଡା (ଅଥର୍ବବେଦୀ)" ଓ "ଶ୍ରୀ କମଳ ଲୋଚନ ପଣ୍ଡା" ମୂଖ୍ୟରୁପେ କାର୍ଯ୍ୟ କରିଥିଲେ । ମୁଁ ବ୍ୟକ୍ତିଗତ ଭାବେ ସମସ୍ତ ଯୋଗଦାନକାରୀ ସଦସ୍ୟମାନଙ୍କୁ କୃତଜ୍ଞତା ବ୍ୟକ୍ତ କରୁଛି । ତାଙ୍କର ଉପଦେଷ, ମାର୍ଗଦର୍ଶନ ଓ ସୁଧାରୀକରଣ ସର୍ବଦା ଅବିସ୍ମରଣୀୟ ରହିବ ।

ଶେଷରେ ସମସ୍ତଙ୍କ ଯୋଗଦାନ ପାଇଁ ଏହି ପବିତ୍ରଗ୍ରନ୍ଥ "**ଅଥର୍ବବେଦ ଓଡିଆରେ**" ପ୍ରସ୍ତୁତ ହୋଇପାରିଛି । ଆଶାକରୁଛି ଏହା ସମସ୍ତ ଓଡିଆ ଭାଷା ଭାଷୀ ବେଦଲିପ୍ସୁ ଜନମାନଙ୍କ କାମରେ ଆସିବ ଓ ଏହାକୁ ଭବିଷ୍ୟତ ପିଢି ପର୍ଯ୍ୟନ୍ତ ପହଞ୍ଚାଇ ଭାରତର ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବେ ।

**ତାରିଖ - ୩୦.୦୮.୨୦୨୩**
**ରକ୍ଷାବନ୍ଧନ**

**ଶ୍ରୀ ପ୍ରକାଶ ପ୍ରଧାନ,**
**ସଂପାଦକ,**
ସଂସାରଫଳ, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡା, ଓଡିଶା, ଭାରତ ।
ବର୍ତ୍ତମାନ ସ୍ଥିତି - ଚେନ୍ନାଇ, ତାମିଲନାଡୁ, ଭାରତ ।

Not For Commercial Use

## ଉତ୍ସର୍ଗ

ଏହି ଗ୍ରନ୍ଥ "**ଅଥର୍ବବେଦ ଓଡିଆରେ**" ଓଡିଆ ଭାଷୀ ସମସ୍ତ ଜନସାଧାରଣଙ୍କ ସେବାରେ ଓ ସାର୍ବଜନୀନ ଜ୍ଞାନ ପ୍ରସାର ନିମନ୍ତେ ଉତ୍ସର୍ଗ କରୁଛି ।

ବଶମ୍ବଦ

**ସଂପାଦକ**

## ନିବେଦନ

ଏହି ଗ୍ରନ୍ଥ "**ଅଥର୍ବବେଦ ଓଡିଆରେ**" ଟି ବ୍ୟକ୍ତିଗତ ପଠନ ଉଦ୍ଦେଶ୍ୟରେ ତିଆରି କରାଯାଇଛି ଓ ଏହା ସମସ୍ତଙ୍କୁ ଡିଜିଟାଲରୂପରେ ମୁକ୍ତ ଉପଲବ୍ଧ ହେବ । ଏହାର କୌଣସି **ବ୍ୟାପାରୀକରଣ ନ କରିବାକୁ** ଅନୁରୋଧ । ଯଦି କେହି ଏହାର ପ୍ରକାଶନ କରିବାକୁ ଚାହୁଁଛନ୍ତି, ସଂପାଦକଙ୍କ ସହିତ ଯୋଗାଯୋଗ କରିବାକୁ ଅନୁରୋଧ ।

ଏହି ଓଡିଆ ରୂପାନ୍ତରିତକୁ ଆମ ଜ୍ଞାନ ଅବଧିରେ, ଧ୍ୟାନ ପୂର୍ବକ, ସମସ୍ତ ସାବଧାନ ଓ ଯତ୍ନର ସହିତ ରୂପାନ୍ତର କରାଯାଇଛି । ତଥାପି, ଏଥିରେ ଭୁଲ ବା ତୃଟି ରହିଥାଇ ପାରେ । ତେଣୁ କୃପାଳୁ ପାଠକ, କ୍ଷମା କରିବା ସଙ୍ଗେ ସଙ୍ଗେ, ସଂପାଦକଙ୍କ ଦୃଷ୍ଟି ଗୋଚରକୁ ଆଣିବାକୁ ଅନୁରୋଧ ।

**ଶ୍ରୀ ପ୍ରକାଶ ପ୍ରଧାନ,**

**ସଂପାଦକ,**

# ଅଥର୍ବବେଦ

ଇତିହାସକାରମାନଙ୍କ ଅନୁସାରେ ବେଦର ବିଭାଜନ 'ତ୍ରେତୟା ଯୁଗ'ର ଆରମ୍ଭରୁ ଚେଷ୍ଟା କରାଯାଇଥିଲା । ମୁନିଋଷିମାନଙ୍କୁ ପ୍ରକଟିତ ହୋଇଥିବା "ବେଦତ୍ରୟୀ ମନ୍ତ୍ର" ସମୁହ ଅନେକ ଥିଲା, ସେଥିପାଇଁ ତାହାର ବିଷୟବସ୍ତୁ ଓ ମହତ୍ୱ ଅନୁସାରେ ବିଭାଜନ କରିବାପାଇ ୪ଜଣ "ଋତ୍ୱିକ"ଙ୍କୁ ଦାୟୀତ୍ୱ ଦିଆଗଲା । ସେମାନେ ହେଲେ - '**ହୋତା**', '**ଅଧ୍ୱର୍ଯ୍ୟୁ**', '**ଉଦ୍ଗାତା**' ଓ '**ବ୍ରହ୍ମା**'। ଏଥିପାଇଁ 'ହୋତା'ଙ୍କୁ ଋକ୍ ମନ୍ତ୍ର, 'ଅଧ୍ୱର୍ଯ୍ୟୁ'ଙ୍କୁ ଯଜୁସ୍ ମନ୍ତ୍ର, 'ଉଦ୍ଗାତା'ଙ୍କୁ ସାମନ୍ତ୍ର  ଋକ୍ ମନ୍ତ୍ର ଉଚ୍ଚାରଣର ଦାୟୀତ୍ୱ ଦିଆଗଲା, କିନ୍ତୁ ଚତୁର୍ଥ ଋତ୍ୱିକ୍ '**ବ୍ରହ୍ମା**' ସିଧା ସଳଖ ଭାବରେ କୌଣସି 'ବେଦତ୍ରୟୀ' ମନ୍ତ୍ର ସହିତ ସଂଶ୍ଲିଷ୍ଟ ନଥିଲେ, ତାଙ୍କୁ ସେହି ୩ଜଣ ଋତ୍ୱିକ୍ ମାନଙ୍କର ପର୍ଯ୍ୟବେକ୍ଷଣ କରିବାର ଦୟୀତ୍ୱ ଦିଆଗଲା ।

ଏହି ପ୍ରକ୍ରିୟା ଚାଲୁଥିବା ବେଳେ, ସେମାନେ କିଛି ସ୍ୱତନ୍ତ୍ର ମନ୍ତ୍ର '**ଅଥର୍ବଣ**' ଋଷି ଓ '**ଅଙ୍ଗିରସ**' ଋଷିଙ୍କ ଠାରୁ ପାଇଲେ । ସେ ମନ୍ତ୍ରସମୁହ ଶାନ୍ତି ଓ ଅଖଣ୍ଡତା ରଖିବା, ଦୁଷ୍ଟାତ୍ମା ମାନଙ୍କର ଦୁଷ୍ଟ ଶକ୍ତିର ନିବାରଣ, ସାମାଜିକ ରିତି, ଭେଷଜ ବିଦ୍ୟା, ଓ ଶତ୍ରୁ ଜୟ ଇତ୍ୟାଦି ବିଷୟରେ ଆଧାରିତ ଥିଲା । ସେସବୁ ମନ୍ତ୍ରସମୁହକୁ ନେଇ "ଅଥର୍ବବେଦ"ର ଭିତ୍ତିଭୂମି ସ୍ଥାପନ ଆରମ୍ଭ କରାଯାଇଥିଲା ବୋଲି କୁହାଯାଏ । ଋତ୍ୱିକ୍ "**ବ୍ରହ୍ମା**" ଏହିସବୁ ମନ୍ତ୍ରସମୁହର ପର୍ଯ୍ୟବେକ୍ଷଣ କରିବାର ଦାୟୀତ୍ୱ ନେଲେ ଓ ଏହାର ପ୍ରସାର କରିବାରେ ଯୋଗଦାନ ଦେଲେ ।

ଦ୍ୱାପରଯୁଗରେ "ବେଦବ୍ୟାସ" ବେଦ ବିଭାଜନକୁ ସଂପୂର୍ଣ୍ଣ କରିଥିଲେ । ସେ, ଏହି ବିଭାଜନ ପାଇଁ ମୁଖ୍ୟତଃ ୨ଟି ପଦ୍ଧତିର ସାହାର୍ଯ୍ୟ ନେଇଥିଲେ, ଯଥା, **ସାହିତ୍ୟିକ** ଓ **ଶ୍ରୌତଯଜ୍ଞକର୍ମ** । ତେଣୁ ମନ୍ତ୍ରସମୁହର ଲକ୍ଷଣ ଅନୁସାରେ, ସାହିତ୍ୟିକ (ପଦ୍ୟ, ଗଦ୍ୟ ଓ ସଂଗୀତ) ଓ ଶ୍ରୌତଯଜ୍ଞକର୍ମ (ମୁଖ୍ୟତଃ ବିଷୟବସ୍ତୁ) ପଦ୍ଧତିରେ ବିଭାଜନ କରିଥିଲେ । ପଦ୍ୟରେ 'ଋକ୍-ବେଦ'କୁ, ଗଦ୍ୟରେ 'ଯଜୁର୍ବେଦ'କୁ, ସଂଗୀତରେ 'ସାମବେଦ'କୁ ବିଭକ୍ତ କରିଥିଲେ । ଏହାପରେ ଅବଶିଷ୍ଟ ମନ୍ତ୍ରମାନଙ୍କୁ କେବଳ ବିଷୟବସ୍ତୁକୁ ପ୍ରାଧାନ୍ୟ ଦେଇ ଗୋଟିଏ ଭାଗ କରିଥିଲେ, ଯାହା "**ଅଥର୍ବବେଦ**" ନାମରେ ପରିଚିତ

Not For Commercial Use

ହେଲା । ସେଇଥିପାଇଁ କେବଳ "ଅଥର୍ବବେଦ"ରେ ମନ୍ତ୍ରସମୁହର ୩ ପ୍ରକାରର ଲକ୍ଷଣ, ଅର୍ଥାତ **ପଦ୍ୟ**, **ଗଦ୍ୟ**, ଓ **ସଂଗୀତ** ମିଳିଥାଏ ।

ଏହା କୁହାଯାଏ ଯେ, ଏହି ମନ୍ତ୍ରସମୁହ ମଧ୍ୟରେ ମହର୍ଷି "**ଅଥର୍ବଣ**"ଙ୍କର ଅଧିକାଂଶ ମନ୍ତ୍ର (୨୬୧୬) ଥିବାରୁ, ଏହାର ନାମ "ଅଥର୍ବବେଦ" ରଖାଯାଇଥିଲା । "ଅଥର୍ବବେଦ" ମଧ୍ୟ ଅନ୍ୟ ନାମ-ମାନଙ୍କରେ ପରିଚିତ, ଯଥା, - **ଅଥର୍ବବେଦ**, **ଅଥର୍ବାଙ୍ଗିରୋବେଦ**, **ବ୍ରହ୍ମବେଦ**, **ଭିଷଗ୍-ବେଦ**, ଓ **କ୍ଷାତ୍ରବେଦ** ।

**ଅଥର୍ବବେଦ** – ପାଣିନିଙ୍କ ଧାତୁପାଠରେ "ଥର୍ବ"ର ଅର୍ଥ ହିଂସା ବା ହିଂସା ସଂବନ୍ଧୀୟ କର୍ମ । ତେଣୁ ଏହାର ପ୍ରତିକୂଳ ଅର୍ଥରେ ଏହା "ଅଥର୍ବ", ଅର୍ଥାତ ଅହିଂସା ବା ଶାନ୍ତି ଓ ପୌଷ୍ଟିକ କର୍ମ ଅଟେ । "ଅଥର୍ବବେଦ"ର ବିଷୟବସ୍ତୁ ଏହାକୁ ପ୍ରମାଣ କରିଥାଏ, ସେହିଥିପାଇଁ ଏହି ବେଦର ନାମ "ଅଥର୍ବବେଦ" ଅଟେ ।

**ଅଥର୍ବାଙ୍ଗିରୋବେଦ** – "ଅଥର୍ବବେଦ"ରେ ଅଧିକାଂଶ ମନ୍ତ୍ର ମହର୍ଷି "ଅଥର୍ବଣ" ଓ "ଅଙ୍ଗିରସ"ଙ୍କର ଥିବାରୁ, ଏହାକୁ "ଅଥର୍ବାଙ୍ଗିରୋବେଦ" କୁହାଯାଏ । ଏହାର ଉଲ୍ଲେଖ୍ୟ "ଅଥର୍ବବେଦ", "ମହାଭାରତ", "ମନୁସ୍ମୃତି", "ଯାଜ୍ଞବଲ୍କ୍ୟସ୍ମୃତି" ଓ "ଔଶନସସ୍ମୃତି" ଇତ୍ୟାଦି ଗ୍ରନ୍ଥ ମାନଙ୍କରେ ରହିଅଛି ।

**ବ୍ରହ୍ମବେଦ** – "ବ୍ରହ୍ମା" ନାମକ 'ଋତ୍ୱିକ' (ଉପରେ ଆଲୋଚିତ) ଏହାର 'ଶ୍ରୌତଯଜ୍ଞକର୍ମ' ପ୍ରତିପାଦନ କରିଥିଲେ ବୋଲି ଏହାକୁ "ବ୍ରହ୍ମବେଦ" କୁହାଯାଏ । ଆଉଏକ କାରଣ, ଏଥିରେ ଅଧିକାଂଶ ମନ୍ତ୍ର "ଆଧ୍ୟାତ୍ମିକ ଚିନ୍ତନ" ବିଷୟରେ ଥିବାରୁ, ଏହା "ବ୍ରହ୍ମବେଦ" ନାମରେ ଜଣା ।

**ଭିଷଗ୍-ବେଦ** – "ଅଥର୍ବବେଦ"ରେ ଅନେକ ରୋଗ ଓ ତାହାର ଔଷଧ ବିଷୟରେ ଉଲ୍ଲେଖ୍ୟ ରହିଅଛି, ସେଥିପାଇଁ ଏହା "ଭିଷଗ୍-ବେଦ" ନାମରେ ମଧ୍ୟ ଜଣା ।

Not For Commercial Use

**କ୍ଷାତ୍ରବେଦ** – "ଅଥର୍ବବେଦ"ରେ ସ୍ୱରାଜ୍ୟ ରକ୍ଷା ପାଇଁ ରାଜକର୍ମ ସଂବନ୍ଧୀତ ଅନେକ ସୂକ୍ତ ସମୁହ ରହିଅଛି, ତଥା ଏଥିରୁ ରାଜନୈତିକ ଜ୍ଞାନ ମଧ୍ୟ ମିଳିଥାଏ, ସେଇଥିପାଇଁ ଏହା "କ୍ଷାତ୍ରବେଦ" ନାମରେ ମଧ୍ୟ ଜଣା ।

## ଅଥର୍ବବେଦ ବିଷୟବସ୍ତୁ

"ଅଥର୍ବବେଦ"କୁ ସାମାଜିକରୀତି କାଣ୍ଡ କୁହାଯାଏ, ତେଣୁ ଏଥିରେ ବ୍ୟକ୍ତିଗତ ଓ ସାମାଜିକ ଶାନ୍ତି ତଥା ରକ୍ଷା ଉଦ୍ଦେଶ୍ୟରେ ଅନେକ ମନ୍ତ୍ର ଓ କର୍ମ ରହିଅଛି । ତେଣୁ ଏହାର ବିଷୟବସ୍ତୁଗୁଡିକ ହେଲେ, **ବ୍ରହ୍ମ ତଥା ଦାର୍ଶନୀକ ସିଦ୍ଧାନ୍ତ**, **ଭୈଷଜ୍ୟ କର୍ମ**, **ଶାନ୍ତି ତଥା ପୌଷ୍ଟିକ କର୍ମ**, **ରାଜକର୍ମ**, **ସାଂମନସ୍ୟକର୍ମ**, **ପ୍ରାୟଶ୍ଚିତ୍ତ**, **ଆୟୁଷ୍ୟକର୍ମ**, ଓ **ଅଭିଚାର କର୍ମ** ଇତ୍ୟାଦି ।

### ବ୍ରହ୍ମ ଓ ଦାର୍ଶନୀକ ସିଦ୍ଧାନ୍ତ

"ଅଥର୍ବବେଦ"ରେ ବିଶେଷରୂପରେ 'ବ୍ରହ୍ମ'ର ବର୍ଣ୍ଣନ କରାଯାଇଛି । ଏହି ବେଦରେ ବ୍ରହ୍ମର ବର୍ଣ୍ଣନ ଯେତେ ବିସ୍ତାର ଓ ସୂକ୍ଷ୍ମତାର ସହିତ କରାଯାଇଛି, ତାହା ଅନ୍ୟ କୌଣସି ବେଦରେ ଦେଖିବାକୁ ମିଳେ ନାହିଁ । ଏହା କହିଲେ ଅତ୍ୟୁକ୍ତି ହେବନାହିଁ ଯେ, 'ଉପନିଷଦ'ରେ ଯେଉଁ ବ୍ରହ୍ମବିଦ୍ୟାର ବିକଷିତ ରୂପ ଦେଖିବାକୁ ମିଳେ, ତାହାର ମୂଳ ଏହି "ଅଥର୍ବବେଦ" । ଏହି ବେଦରେ ବିଭିନ୍ନ ଦୃଷ୍ଟିକୋଣରୁ ବ୍ରହ୍ମତ୍ୱର ବିବେଚନା କାରାଯାଇଛି, ଯଥା, ବ୍ରହ୍ମ କ'ଣ ?, ତାହାର ସ୍ୱରୂପ କ'ଣ ?, ତାହାକୁ ପ୍ରାପ୍ତ କରିବାର ସାଧନ କ'ଣ ?, ସିଏ ଗୋଟିଏ କିମ୍ବା ଅନେକ ?, ତାଙ୍କର ଅନ୍ୟ ଦେବତାମାନଙ୍କ ସହିତ ସଂବନ୍ଧ କ'ଣ ?, ଇତ୍ୟାଦି ବିଷୟ ସହିତ ଜୀବାତ୍ମା ଓ ପ୍ରକୃତିର ମଧ୍ୟ ବିବେଚନା କରାଯାଇଛି । ଏଥିରେ ବିରାଟ, ବ୍ରହ୍ମ, ସ୍କମ୍ଭ, ରୋହିତ, ବ୍ରାତ୍ୟ, ଉଚ୍ଛିଷ୍ଟ, ପ୍ରାଣ, ସ୍ୱର୍ଗୌଦନ, ଆଦି ବ୍ରହ୍ମର ବିଭିନ୍ନ ସ୍ୱରୂପମାନଙ୍କର ବିସ୍ତୃତ ବର୍ଣ୍ଣନ ମିଳିଥାଏ ।

ଏଥିରେ ସଂସାର 'ଜଳ'ରୁ ସୃଷ୍ଟି ବୋଲି କୁହାଯାଇଛି । ପ୍ରାରମ୍ଭରେ ଇଶ୍ୱର ଜଳରେ ମଞ୍ଜି ପକାଇଲେ, ସେଥିରୁ 'ହିରଣ୍ୟଗର୍ଭ'ର ଉତ୍ପତ୍ତି ହେଲା, ଓ ସେଥିରୁ ସୃଷ୍ଟିର ପ୍ରାରମ୍ଭ ହେଲା । (ଅ.ବେ - ୪.୨.୬.୮)

Not For Commercial Use

## ଭୈଷଜ୍ୟକର୍ମ

"ଅଥର୍ବବେଦ"ରେ ବିଭିନ୍ନ ରୋଗର ଉପଚାର ପାଇଁ ପ୍ରୟୋଗ କରାଯାଉଥିବା ସୂକ୍ତ ସମୁହ ରହିଅଛି । ସେଥିରେ ଥିବା ମନ୍ତ୍ର ସମୁହ ଦ୍ଵାରା ଦେବତାମାନଙ୍କର ଆବାହନ ଓ ପ୍ରାର୍ଥନା କରାଯାଏ । ଏହି ସୂକ୍ତରେ, ବିଭିନ୍ନ ପ୍ରକାର ରୋଗର ନାମ ଓ ତାହାର ନିରାକରଣ ପାଇଁ ବିଭିନ୍ନ ପ୍ରକାର ଔଷଧର ନାମ ମିଳିଥାଏ । ଜଳଚିକିତ୍ସା, ସୂର୍ଯ୍ୟକିରଣ ଚିକିତ୍ସା, ଓ ମାନସିକ ଚିକିତ୍ସା ଇତ୍ୟାଦି ବିଷୟର ବିସ୍ତୃତ ବର୍ଣ୍ଣନ, ଏହି ବେଦରେ ମିଳିଥାଏ ।

## ଶାନ୍ତି ଓ ପୌଷ୍ଟିକ କର୍ମ

ବିଭିନ୍ନ ପ୍ରକାରର କ୍ଷତି, ଆପତ୍ତି ବା ଅବାଞ୍ଛିତ କାର୍ଯ୍ୟକଳାପରୁ ମୁକ୍ତିପାଇବା ପାଇଁ କରାଯାଉଥିବା କର୍ମଗୁଡିକୁ ଶାନ୍ତିକ-କର୍ମ କୁହନ୍ତି । ଦୁଃସ୍ଵପ୍ନ-ନାସନ, ଦୁଃଶକୁନ-ନିବାରଣ (ମଙ୍ଗଳ) ଇତ୍ୟାଦି ପାଇଁ କରାଯାଉଥିବା ଦେବପ୍ରାର୍ଥନା ଆଦି ସୂକ୍ତ ସମୁହ ଏହି ବେଦର ଅନ୍ତର୍ଗତ ଅଟେ । ଐଶ୍ବର୍ଯ୍ୟ-ପ୍ରାପ୍ତି, ଓ ବିପନ୍ନିବୃତ୍ତି (ବିପଦର ଶାନ୍ତି) ପାଇଁ ପ୍ରୟୋଗ କରାଯାଉଥିବା ସୂକ୍ତ, ପୌଷ୍ଟିକ କର୍ମର ଅନ୍ତର୍ଗତ ଅଟନ୍ତି, ଯେପରିକି ପୁଷ୍ଟିବର୍ଦ୍ଧକ, ମଣିବନ୍ଧନ, ଓ ଦେବ-ପ୍ରାର୍ଥନା ଇତ୍ୟାଦି ।

## ରାଜକର୍ମ (ରାଜନୀତି)

"ଅଥର୍ବବେଦ"ରେ ରାଜନୈତିକ ବିଷୟର ବିସ୍ତାର ଭାବରେ ଉଲ୍ଲେଖ୍ୟ ରହିଅଛି । ରାଜା କିଭଳି ହେବା ଦରକାର ?, ରାଜା ଓ ପ୍ରଜାଙ୍କର କର୍ତ୍ତବ୍ୟ, ଶାସନର ପ୍ରକାର, ରାଜାଙ୍କର ନିର୍ବାଚନ ଓ ରାଜାଭିଷେକ, ରାଜାଙ୍କର ଅଧିକାର ଓ କର୍ତ୍ତବ୍ୟ, ସଭା ଓ ସମିତି ତଥା ତା'ର ସ୍ଵରୂପ, ନ୍ୟାୟ ଓ ଦଣ୍ଡବିଧାନ, ସେନା ଓ ସେନାପତି, ସୈନିକର ପ୍ରକାର ଓ ତାଙ୍କର କାର୍ଯ୍ୟ, ସୈନିକର ଶିକ୍ଷା, ଅସ୍ତ୍ରଶସ୍ତ୍ର, ଯୁଦ୍ଧର ସ୍ଵରୂପ, ଶତ୍ରୁ-ନାଶନ, ଓ ବିଜୟ ପ୍ରାପ୍ତ କରିବାର ସାଧନ ଇତ୍ୟାଦି ବିଭିନ୍ନ ବିଷୟ, ଏହାର ଅନ୍ତର୍ଗତ ଅଟେ ।

Not For Commercial Use

## ସାଂମନସ୍ୟକର୍ମ

"ଅଥର୍ବବେଦ"ରେ ରାଷ୍ଟ୍ରୀୟ, ସାମାଜିକ, ପାରିବାରିକ, ରାଜନୀତିକ, ତଥା ଧାର୍ମିକ ସାମଞ୍ଜସ୍ୟ ରକ୍ଷା ପାଇଁ ବିଶେଷ ମହତ୍ୱ ଦିଆଯାଇଛି, ଓ ପରସ୍ପର ମଧ୍ୟରେ ସୌହାର୍ଦ୍ଦ୍ୟ ସ୍ଥାପନ କରିବା ପାଇଁ ବିଭିନ୍ନ ସୂକ୍ତ ସ୍ମରଣ କରିବାର ବିଧାନ ରହିଅଛି ।

## ପ୍ରାୟଶ୍ଚିତ୍ତ (ଆତ୍ମାଲୋଚନା)

ଜ୍ଞାତ-ଅଜ୍ଞାତ ଅବସ୍ଥାରେ ହୋଇଥିବା ବିଭିନ୍ନ ତୃଟିପୂର୍ଣ୍ଣ-କର୍ମ କାରାଣରୁ ଉତ୍ପନ୍ନ ହେଉଥିବା ସଂଭାବିତ ଅନିଷ୍ଟକୁ ଦୂରକରିବା ପାଇଁ କ୍ଷମା-ଅର୍ଚନା, ଦେବ-ପ୍ରାର୍ଥନା, ପ୍ରାୟଶ୍ଚିତ୍ତ-ହୋମ, ଚାରିତ୍ରିକ ବଦନାମର ପ୍ରାୟଶ୍ଚିତ୍ତ, ଓ ଅଶୁଭ ନକ୍ଷତ୍ରରେ ଜନ୍ମ ହୋଇଥିବା ପିଲାଙ୍କର ପ୍ରାୟଶ୍ଚିତ୍ତ, ଇତ୍ୟାଦି ବିଭିନ୍ନ ପ୍ରାୟଶ୍ଚିତ୍ତ ଗୁଡିକର ଉଲ୍ଲେଖ୍ୟ "ଅଥର୍ବବେଦ"ରେ ମିଳିଥାଏ ।

## ଆୟୁଷ୍ୟକର୍ମ

ସ୍ୱାସ୍ଥ୍ୟ ଓ ଦୀର୍ଘାୟୁ ପାଇଁ, ଦେବତାଙ୍କ ଉପରେ ବିଶ୍ୱାସରଖି ବିଭିନ୍ନ ସୂକ୍ତ ଦ୍ୱାରା ଦୀର୍ଘାୟୁଷ ପ୍ରାପ୍ତି ପାଇଁ ପ୍ରାର୍ଥନା କରାଯାଇଥାଏ । ଏହା ଅତିରିକ୍ତ, ଦୀର୍ଘାୟୁ ପ୍ରାପ୍ତି ପାଇଁ ହସ୍ତ ତଥା ଗଳାରେ ରକ୍ଷାସୂତ୍ର ଓ ମଣି ବାନ୍ଧିବାର ବିଧାନ "ଅଥର୍ବବେଦ"ରେ ମିଳିଥାଏ ।

## ଅଭିଚାର କର୍ମ

ଦୈତ୍ୟ-ରାକ୍ଷସ ଓ ଶତ୍ରୁ ଇତ୍ୟାଦିଙ୍କ ଉଦ୍ଦେଶ୍ୟରେ କରାଯାଉଥିବା ବିଭିନ୍ନ ପ୍ରୟୋଗ ଓ ବିଧିଗୁଡିକ ଏହାର ଅନ୍ତର୍ଗତ ଅଟେ । ମାରଣ, ମୋହନ, ଉଚ୍ଚାଟନ, ବଶୀକରଣ, ଇତ୍ୟାଦିକୁ ଅଭିଚାର କୁହାଯାଏ । "ଅଥର୍ବଦେବ"ରେ ଅଭିଚାରିକ ମନ୍ତ୍ର ବହୁତ କମ ମିଳିଥାଏ ।

"ଅଥର୍ବବେଦ"ର ବିଷୟ ବିବେଚନାରୁ, ଏହା ଜଣାପଡିଥାଏ ଯେ, ଏଥିରେ ଧର୍ମ, ଅର୍ଥ, କାମ ଓ ମୋକ୍ଷ ରୂପରେ "**ପୁରୁଷାର୍ଥ-ଚତୁଷ୍ଟୟ**"ର ସମସ୍ତ ଅଙ୍ଗର ବର୍ଣ୍ଣନ ରହିଅଛି । ଶାସ୍ତ୍ରୀୟ ଦୃଷ୍ଟିରୁ, ଧର୍ମଦର୍ଶନ, ଆଧ୍ୟାତ୍ମ, ଓ ତତ୍ତ୍ୱମିମାଂସାର ସଂବନ୍ଧୀତ ସମସ୍ତ ତତ୍ତ୍ୱ ଏଥିରେ ବିଦ୍ୟମାନ ରହିଅଛି ।

Not For Commercial Use

ସମାଜଶାସ୍ତ୍ରୀୟ ଦୃଷ୍ଟିରୁ, ରାଜନୀତି, ଅର୍ଥଶାସ୍ତ୍ର, ଧର୍ମଶାସ୍ତ୍ର, ଓ ଜ୍ଞାନ-ବିଜ୍ଞାନର ଏହା ଏକ ଭଣ୍ଡାର । ସାହିତ୍ୟିକ ଦୃଷ୍ଟିରୁ, ରସ, ଅଳଂକାର, ଛନ୍ଦ, ଭାବ ଓ ଭଷାର ସୌନ୍ଦର୍ଯ୍ୟ ଏଥିରେ ବିଦ୍ୟମାନ ରହିଅଛି । ବ୍ୟବହାର ଉପଯୋଗିତା ଦୃଷ୍ଟିରୁ, ଭାବାତ୍ମକ ପ୍ରେରଣା, ମନନ-ଚିନ୍ତନ, କର୍ତ୍ତବ୍ୟ ଉପଦେଶ, ଆଚାରଶିକ୍ଷା, ଓ ନୀତିଶିକ୍ଷା, ଏଥିରେ ଭରିରହିଛି । ସାଂସ୍କୃତିକ ଦୃଷ୍ଟିରୁ, ଏଥିରେ ଉଚ୍ଚ, ମଧ୍ୟମ ଓ ନିମ୍ନ - ଏହି ତିନୋଟି ସ୍ତରର ସ୍ୱରୂପ ପରିଲକ୍ଷିତ ହୁଏ । ଅତଃ, ବିଷୟର ବିବିଧତା, ସ୍ଥୂଳରୁ ସୂକ୍ଷ୍ମତମ ତତ୍ତ୍ୱର ପ୍ରତିପାଦନ, ଓ ଶାସ୍ତ୍ରୀୟତା  ସହିତ ବ୍ୟବହାରିକତାର ସମିଶ୍ରଣ "ଅଥର୍ବବେଦ"ର **ମୁଖ୍ୟ ବିଶେଷତା** ଅଟେ ।

## ଅଥର୍ବବେଦ ଶାଖା

ପତଞ୍ଜଳି ମହାଭାଷ୍ୟ ଓ ପୁରାଣ ଅନୁସାରେ "ଅଥର୍ବବେଦ"ର ୯ଟି ଶାଖା ଥିଲା । ସେମାନେ ହେଲେ, (୧) - ପୈପ୍ପଲାଦ, (୨) - ତୌଦ, (୩) - ମୌଦ, (୪) - ଶୌନକ, (୫) - ଜାଜଲ, (୬) - ଜଲଦ, (୭) - ବ୍ରହ୍ମବଦ, (୮) - ଦେବଦର୍ଶ, ଓ (୯) - ଚାରଣବୈଦ୍ୟ । ଏମାନଙ୍କ ମଧ୍ୟରୁ କେବଳ ୨ଟି ଶଖାର ଉଦ୍ଧାର ହୋଇପାରିଛି, ଯଥା **ଶୌନକ** ଓ **ପୈପ୍ପଲାଦ** । ଅନ୍ୟ ଶାଖା ଗୁଡିକ ବିଲୁପ୍ତ ହୋଇଯାଇଛି ।

### ୧ - ଶୌନକ ଶାଖା ସଂହିତା

"ଶୌନକ ଶାଖା" ସଂପୂର୍ଣ୍ଣ ଭାବରେ ଉଦ୍ଧାର ହୋଇପାରିଛି । ଏହା ପ୍ରସିଦ୍ଧ ଓ ଅଦ୍ୟାବଧି ପ୍ରଚଳିତ। ଏଥିରେ ସମୁଦାୟ ୨୦ଟି କାଣ୍ଡ, ୩୬ଟି ପ୍ରପାଠକ, ୭୩୦ଟି ସୂକ୍ତ ଓ ୫୯୮୭ ମନ୍ତ୍ର ରହିଅଛି । ଏମାନଙ୍କ ମଧ୍ୟରୁ, ୧ମ ରୁ ୭ମ କାଣ୍ଡରେ ଛୋଟ ଛୋଟ ମନ୍ତ୍ର ବିଶିଷ୍ଟ ସୂକ୍ତ ସମୂହ ରହିଅଛି । ୮ମ ରୁ ୧୨ଶ କାଣ୍ଡରେ ବଡ଼ ଓ ବିବିଧ ବିଷୟର ସୂକ୍ତ ରହିଅଛି । ୧୩ଶ ରୁ ୨୦ଶ କାଣ୍ଡରେ ଏକରୂପ ବିଷୟ ଓ ବଡ଼ ସୂକ୍ତ ସମୂହ ରହିଅଛି ।

ତଳେ କାଣ୍ଡ ଅନୁସାରେ ସୂକ୍ତ ଓ ବିଷୟର ବିବରଣ, ଟେବୁଲରେ ଦିଆଯାଇଛି ।

Not For Commercial Use

| କାଣ୍ଡ | ସୂକ୍ତ | ବିଷୟ | ମନ୍ତବ୍ୟ |
|---|---|---|---|
| ୧-୭ | ୪୩୩ | ବିଭିନ୍ନ | କ୍ଷୁଦ୍ରସୂକ୍ତ |
| ୮-୧୧ | ୩୦ | ବିଭିନ୍ନ | ବଡ଼ସୂକ୍ତ |
| ୧୨ | ୧୨ | ପୃଥିବୀ ସୂକ୍ତ, ରାଜନୈତିକ, ଭୌଗଳିକ | ବଡ଼ସୂକ୍ତ |
| ୧୩ ୧୫ | ୨୪ | ଆଧ୍ୟାତ୍ମିକ | ବଡ଼ସୂକ୍ତ |
| ୧୪ | ୨ | ବିବାହ | ବଡ଼ସୂକ୍ତ |
| ୧୬ | ୯ | ଦୁଃସ୍ୱପ୍ନ-ନାଶନ | ବଡ଼ସୂକ୍ତ |
| ୧୭ | ୧ | ଅଭ୍ୟୁଦୟ ପ୍ରାର୍ଥନା | ବଡ଼ସୂକ୍ତ |
| ୧୮ | ୪ | ପିତୃମେଧ | ବଡ଼ସୂକ୍ତ |
| ୧୯ | ୭୨ | ଭେଷଜ୍ୟ, ରାଷ୍ଟ୍ରବୃଦ୍ଧି, ଆଧ୍ୟାତ୍ମିକ | ବଡ଼ସୂକ୍ତ |
| ୨୦ | ୧୪୩ | ସୋମଯଜ୍ଞ, ଇନ୍ଦ୍ର ବୈଷୟିକ | ବଡ଼ସୂକ୍ତ |

## ୨ - **ପୈପ୍ପଲାଦ ଶାଖା ସଂହିତା**

ଯଦିଓ "ପୈପ୍ପଲାଦ ଶାଖା"ର ପାଣ୍ଡୁଲିପି ଉଦ୍ଧାର ହୋଇପାରିଛି (ସୁରକ୍ଷିତ ତାଳପତ୍ର ପାଣ୍ଡୁଲିପି, **ଓଡ଼ିଶା**ରୁ ମିଳିଛି), କିନ୍ତୁ ଏହାର ସଂପୂର୍ଣ୍ଣ ରଚନା ଲୋକ-ଲୋଚନକୁ ଆସିପାରିନାହିଁ । ତେଣୁ ଏହାର ଆଂଶିକ ବା କିଛି କାଣ୍ଡ ଉପଲବ୍ଧ ଅଛି, ଏହା ଉପରେ ଅନେକ ବିଦ୍ୱାନ କାର୍ଯ୍ୟ କରୁଛନ୍ତି, ଆଶା କରାଯାଏ, ଏହାର ସଂପୂର୍ଣ୍ଣ ରଚନା ଲୋକ-ଲୋଚନକୁ ନିକଟ ଭବିଷତରେ ଆସିବ । "ଶୌନକ ଶାଖା" ଓ "ପୈପ୍ପଲାଦ ଶାଖା"ର ବିଷୟବସ୍ତୁ ସମାନ । ଦୁଇଟି  ଭିତରେ ପାର୍ଥକ୍ୟ କହିଲେ, ବିଷୟ, ମନ୍ତ୍ର, ଓ କାଣ୍ଡର କ୍ରମ ପ୍ରବନ୍ଧନ, ଆଉ ଏହା ମଧ୍ୟ କୁହାଯାଏ ଯେ, "ପୈପ୍ପଲାଦ ଶାଖା"ର ବୈଷୟିକ ବର୍ଣ୍ଣନ, "ଶୌନକ ଶାଖା" ଠାରୁ ତୁଳନାତ୍ମକ ବିସ୍ତୃତ ଓ ନିପୁଣ, ତଥା ବୟସରେ ପୁରୁଣା ।

## ଅଥର୍ବବେଦ ବ୍ରାହ୍ମଣ, ଆରଣ୍ୟକ, ଉପନିଷଦ, କଳ୍ପସୂତ୍ର ଓ ଅନ୍ୟ ଗ୍ରନ୍ଥ

ଉଭୟ ଅଥର୍ବବେଦୀୟ ଶାଖାମାନଙ୍କର ଗୋଟିଏ ମାତ୍ର ବ୍ରାହ୍ମଣ ଅଛି, ଯାହା "**ଗୋପଥ ବ୍ରାହ୍ମଣ**" ନାମରେ ପରିଚିତ । ଏଥିରେ ୨ଟି ଭାଗ ଅଛି, ଯଥା, ପୂର୍ବଭାଗ ଓ ଉତ୍ତରଭାଗ । ଏହାର ପୂର୍ବଭାଗରେ  ୫ଟି ପ୍ରପାଠକ ଓ ସେଥିରେ ୧୩୫ କଣ୍ଡିକା ସମୁହ ରହିଅଛି,  ସେହିପରି ଏହାର

Not For Commercial Use

ଉତ୍ତରଭାଗରେ ୬ଟି ପ୍ରପାଠକ ଓ ସେଥିରେ ୧୨୩ଟି କଣ୍ଡିକା ରହିଅଛି । ଏହି "ଗୋପଥ ବ୍ରାହ୍ମଣ" ମୁଖ୍ୟ ବିଷୟ "**ଶ୍ରୌତଯଜ୍ଞ**" ଅଟେ, ତଥା ଏଥିରେ ପ୍ରତିପାଦିତ ନିର୍ବଚନ ପ୍ରକ୍ରିୟା ଅତ୍ୟନ୍ତ ରୋଚକ ବିଷୟ ଅଟେ ।

"ଅଥର୍ବବେଦ"ର ସ୍ୱତନ୍ତ୍ର ଆରଣ୍ୟକ ନାହିଁ, କିନ୍ତୁ ଏହାର ବ୍ରାହ୍ମଣର ଶେଷଭାଗରେ ଆରଣ୍ୟକର ରଚନା ରହିଅଛି ।

"ଅଥର୍ବବେଦ"ର ୩୨ଟି ଉପନିଷଦ ଅଛି । ସେମାନଙ୍କ ମଧ୍ୟରୁ "ପୈପ୍ପଲାଦ ଶାଖା"ର "ପ୍ରଶ୍ନ ଉପନିଷଦ" ତଥା "ଶୌନକ ଶାଖା"ର "ମଣ୍ଡୁକ ଉପନିଷଦ" ଓ "ମାଣ୍ଡୁକ୍ୟ ଉପନିଷଦ" ମୁଖ୍ୟ ଉପନିଷଦରେ ଗଣାଯାଆନ୍ତି । ଏହାର ଅଧିକାଂଶ ଉପନିଷଦ ଆଧ୍ୟାତ୍ମିକ ବିଷୟ ଉପରେ ଆଧାରିତ ।

"ଅଥର୍ବବେଦ"ର କଳ୍ପସୂତ୍ରମାନଙ୍କ ମଧ୍ୟରେ ଗୋଟିଏ ଶୌତସୂତ୍ର ଗ୍ରନ୍ଥ ଓ ଗୋଟିଏ ଗୃହ୍ୟସୂତ୍ର ଗ୍ରନ୍ଥ ଅଛି । ଶୌତସୂତ୍ର ଗ୍ରନ୍ଥ, "**ବୈତାନା ଶୌତସୂତ୍ର**" ନାମରେ ପ୍ରସିଦ୍ଧ, ସେଥିରେ ୮ଟି ଅଧ୍ୟାୟ ଅଛି ଓ ଏହାର ବିଷୟବସ୍ତୁ ମୁଖ୍ୟତଃ ଶୌତକର୍ମ ବିନିଯୋଗ ଅଟେ । ସେହିପରି ଏହାର "କୌଶିକ ଗୃହ୍ୟସୂତ୍ର", ୧୪ଟି ଅଧ୍ୟାୟ, ତଥା ୧୪୧ଟି କଣ୍ଡିକାରେ ବିଭକ୍ତ, ଓ ଏହା ଅଥର୍ବଣ ସାହିତ୍ୟର ଏକ ମହତ୍ୱପୂର୍ଣ୍ଣ ଗ୍ରନ୍ଥ ଅଟେ ।

ସେହିପରି ଶିକ୍ଷା-ଗ୍ରନ୍ଥ ମାନଙ୍କ ମଧ୍ୟରେ, "ଅଥର୍ବବେଦ"ର ୨ଟି ପ୍ରାତିଶାଖ୍ୟ ଗ୍ରନ୍ଥ, ଯଥା "ଅଥର୍ବ ପ୍ରାତିଶାଖ୍ୟ" ଓ "ଶୌନକୀୟ ପ୍ରାତିଶାଖ୍ୟ" ଅଛି । ଏଥିରୁ "ଅଥର୍ବବେଦ"ର ପଦପାଠର ସ୍ୱରୂପ ଓ ଲକ୍ଷଣ ବିଷୟରେ ଜ୍ଞାନ ପ୍ରାପ୍ତ ହୋଇଥାଏ । ସେହିପରି, ଏହାର ଶିକ୍ଷା-ଗ୍ରନ୍ଥ ୩ଟି ଅଛି, ଯଥା, ମାଣ୍ଡୁକୀ ଶିକ୍ଷା, ବର୍ଣ୍ଣପଟଳ ଶିକ୍ଷା, ଓ ଦନ୍ତୋଷ୍ଠବିଧୀ ଶିକ୍ଷା । ଏମାନଙ୍କ ମଧ୍ୟରୁ "ମାଣ୍ଡୁକୀ ଶିକ୍ଷା" ୧୭୧ ଶ୍ଳୋକଯୁକ୍ତ ଅଟେ, ଓ ଏଥିରୁ "ଅଥର୍ବବେଦ"ର ବର୍ଣ୍ଣ, ସ୍ୱର, ଓ ସନ୍ଧି ଇତ୍ୟାଦିର ଜ୍ଞାନ ମିଳିଥାଏ ।

Not For Commercial Use

ତଳ ଟେବୁଲରେ "ଅଥର୍ବବେଦ"ର ସମସ୍ତ ସଂହିତା, ବ୍ରାହ୍ମଣ, ଆରଣ୍ୟକ, କଳ୍ପସୂତ୍ର ଓ ଅନ୍ୟ ଗ୍ରନ୍ଥମାନଙ୍କର ତାଲିକା ଦିଆଯାଇଛି ।

## ଅଥର୍ବବେଦ ସଙ୍ଗଠନ

| ବେଦ | ସଂହିତା | ବ୍ରାହ୍ମଣ | ଆରଣ୍ୟକ | ଉପନିଷଦ |
|---|---|---|---|---|
| ଅଥର୍ବ ବେଦ | ଶୌନକ, ପୈପ୍ପଲାଦ | ଗୋପଥ | - | ମୁଣ୍ଡକ, ମାଣ୍ଡୁକ୍ୟ, ପ୍ରଶ୍ନ, ଆତ୍ମା, ସୂର୍ଯ୍ୟ, ପ୍ରାଣାଗ୍ନିହୋତ୍ର, ଆଶ୍ରମ, ନାରଦପରିବ୍ରାଜକ, ପରମହଂସ, ପରମହଂସ ପରିବ୍ରଜକ, ପରଂବ୍ରହ୍ମ, ସୀତା, ଦେବୀ, ତ୍ରିପୁରାତାପିନୀ, ଭାବନ, ନୃସିଂହ ତାପନୀୟ, ମହାନାରାୟଣ, ରାମ ରହସ୍ୟ, ରାମ ତାପନୀୟ, ଗୋପାଳ-ତାପନୀ, କୃଷ୍ଣ, ହୟଗ୍ରୀବ, ଦତ୍ତାତ୍ରେୟ, ଗରୁଡ଼, ଅଥର୍ବସିରସ୍, ଅଥର୍ବଶିଖା, ବୃହଜ୍ଜାବାଲ, ଶରଭ, ଭସ୍ମଜାବାଲ, ଗଣପତ୍ୟର୍ଥବଶୀର୍ଷ, ଶାଣ୍ଡିଲ୍ୟ, ପଶୁପତିବ୍ରହ୍ମ, ମହାବାକ୍ୟ |

## ଅଥର୍ବବେଦ କଳ୍ପସୂତ୍ର ସଙ୍ଗଠନ

| ବେଦ | ଶ୍ରୌତସୂତ୍ର | ଶୁଲ୍ବସୂତ୍ର | ଗୃହ୍ୟସୂତ୍ର | ଧର୍ମସୂତ୍ର |
|---|---|---|---|---|
| **ଅଥର୍ବବେଦ** | ବୈତାନା ଶ୍ରୌତସୂତ୍ର, | | କୌଶିକ ଗୃହ୍ୟସୂତ୍ର, | |

## ଅଥର୍ବବେଦ ଶିକ୍ଷା ଓ ପ୍ରାତିଶାଖ୍ୟ ସଙ୍ଗଠନ

| ବେଦ | ପ୍ରାତିଶାଖ୍ୟ | ଶିକ୍ଷା |
|---|---|---|
| **ଅଥର୍ବବେଦ** | ଅଥର୍ବ ପ୍ରାତିଶାଖ୍ୟ<br>ଶୌନକୀୟ ପ୍ରାତିଶାଖ୍ୟ | ମାଣ୍ଡୁକୀ ଶିକ୍ଷା (ମୁଖ୍ୟ), ବର୍ଣ୍ଣପଟଳ ଶିକ୍ଷା, ଦନ୍ତୋଷ୍ଠବିଧୀ ଶିକ୍ଷା |

Not For Commercial Use

# ଅଥର୍ବବେଦ ପାଣ୍ଡୁଲିପି ଓ ଅନୁବାଦ

"ଅଥର୍ବବେଦ"ର ପାଣ୍ଡୁଲିପି ଭାରତର ଅନେକ ସ୍ଥାନ ମାନଙ୍କରେ ମିଳିଛି । **ଓଡ଼ିଶା**ର ରାଜ୍ୟ ସଂଗ୍ରହାଳୟରେ ଏଗୁଡିକ ସଂରକ୍ଷିତ ଅଛି । ଖୁସିର ବିଷୟ ଯେ, ବହୁ ଚର୍ଚ୍ଚିତ "ପୈପ୍ପଲାଦ ଶାଖା" ଓଡ଼ିଶାରେ ମିଳିଛି, ଏହାର ଅନୁବାଦ କାର୍ଯ୍ୟ ଚାଲୁଅଛି, ଆଶାକରୁଛି, ଏହା ନିକଟ ଭବିଷତରେ ଲୋକ ଲୋଚନକୁ ଆସିବ । ଆଉ କିଛି ପାଣ୍ଡୁଲିପି **ଉତ୍ତରପ୍ରଦେଶ**ରୁ ପ୍ରାପ୍ତ ହୋଇଛି, ଯାହା IGNCA ରେ ସଂରକ୍ଷିତ ରଖାଯାଇଛି । **ତାମିଲନାଡୁ** ଓ **ଆନ୍ଧ୍ରପ୍ରଦେଶ** ରୁ ମଧ୍ୟ କିଛି ପାଣ୍ଡୁଲିପି ମିଳିଛି । ଏହା ସହିତ "**ଜର୍ମାନୀ**"ର ସଂସ୍କୃତ ମହାବିଦ୍ୟାଳୟରେ କିଛି ପାଣ୍ଡୁଲିପି ରହିଅଛି ।

"ଅଥର୍ବବେଦ"ର ଅନୁବାଦ ଅନେକ ବିଦେଶୀ ଭାଷାରେ ଉପଲବ୍ଧ ରହିଛି । ସେମାନଙ୍କ ମଧ୍ୟରୁ ଇଂରାଜୀ, ଜର୍ମାନୀ ଓ ରୁଷି ଭାଷାରେ ପ୍ରକାଶିତ ହୋଇଛି । ଭାରତୀୟ ଭାଷାମାନଙ୍କ ମଧ୍ୟରେ ସଂସ୍କୃତ, ହିନ୍ଦି, ତାମିଲ, ତେଲୁଗୁ, କନ୍ନଡ଼ ଓ ମାଲାୟଲମ ଭାଷାରେ ଏହାର ଅନୁବାଦ ଉପଲବ୍ଧ ଅଛି ।

୪ଟି ବେଦ ମଧ୍ୟରୁ, "ଅଥର୍ବବେଦ" ପ୍ରତ୍ୟକ୍ଷ ରୂପେ ମାନବ ଜୀବନ ସହିତ ସଂଯୁକ୍ତ ହୋଇ ରହିଅଛି । ମାନବ ଜୀବନରେ ଏହା ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ, ପ୍ରତ୍ୟେକ ସ୍ତରରେ ମାର୍ଗଦର୍ଶନ କରିଆସୁଅଛି । ଏହା ଦର୍ଶନତତ୍ତ୍ୱ ଓ ଆଧ୍ୟାତ୍ମିକ-ତତ୍ତ୍ୱରେ ମଧ୍ୟ ଉପନିଷଦ ମାନଙ୍କର ପ୍ରେରଣା ବୋଲି କୁହାଯାଏ । "ଅଥର୍ବବେଦ", ଏକମାତ୍ର ବେଦ, ଯାହା ସର୍ବାଧିକ "ଉପବେଦ" ଓ "ଶାସ୍ତ୍ର" ମାନଙ୍କର ଜନକ । "ଆୟୁର୍ବେଦ", "ଧନୁର୍ବେଦ", "ଅର୍ଥଶାସ୍ତ୍ର", "ନୀତିଶାସ୍ତ୍ର", "ରାଜନୀତି ଶାସ୍ତ୍ର", "ନ୍ୟାୟଶାସ୍ତ୍ର", "ଆୟୁଶାସ୍ତ୍ର", "ଚରକ ସଂହିତା", "ସୁଶ୍ରୁତ ସଂହିତା", "ଭେଷଜ ବିଜ୍ଞାନ", "ସାମାଜିକ ବିଜ୍ଞାନ", "ଦର୍ଶନିକ ବିଜ୍ଞାନ", " ଆଧ୍ୟାତ୍ମିକ ତତ୍ତ୍ୱ", ଏହିପରି ଅନେକ ଶାସ୍ତ୍ର ଓ ଗ୍ରନ୍ଥ ର ପ୍ରେରଣାର ସୂତ୍ର "ଅଥର୍ବବେଦ" ଅଟେ ।

**।। ଇତି ଅଥର୍ବବେଦ ।।**

Not For Commercial Use

# ଅଥର୍ବବେଦର ସୂକ୍ତ ଓ ମନ୍ତ୍ର ସଂଖ୍ୟା

| କାଣ୍ଡ | ଅନୁବାକ | ସୂକ୍ତ | ମନ୍ତ୍ର |
|---|---|---|---|
| ୧ | ୬ | ୩୫ | ୧୫୩ |
| ୨ | ୬ | ୩୬ | ୨୦୭ |
| ୩ | ୬ | ୩୧ | ୨୩୦ |
| ୪ | ୮ | ୪୦ | ୩୨୪ |
| ୫ | ୬ | ୩୧ | ୩୭୬ |
| ୬ | ୧୩ | ୧୪୨ | ୪୫୪ |
| ୭ | ୧୦ | ୧୧୮ | ୨୮୬ |
| ୮ | ୫ | ୧୦ | ୨୯୩ |
| ୯ | ୫ | ୧୦ | ୩୧୩ |
| ୧୦ | ୫ | ୧୦ | ୩୫୦ |
| ୧୧ | ୫ | ୧୦ | ୩୧୩ |
| ୧୨ | ୫ | ୫ | ୩୦୪ |
| ୧୩ | ୪ | ୯ | ୧୮୮ |
| ୧୪ | ୨ | ୨ | ୧୩୯ |
| ୧୫ | ୨ | ୧୮ | ୨୩୦ |
| ୧୬ | ୨ | ୯ | ୧୦୩ |
| ୧୭ | ୧ | ୧ | ୩୦ |
| ୧୮ | ୪ | ୪ | ୨୮୩ |
| ୧୯ | ୭ | ୭୨ | ୪୫୩ |
| ୨୦ | ୯ | ୧୪୩ | ୯୫୮ |
| **ସମୁଦାୟ** | **୧୧୧** | **୭୩୬** | **୫୯୮୭** |

Not For Commercial Use

ୟଦକ୍ଷରପଦଭ୍ରଷ୍ଟଂ ମାତ୍ରାହିନଂ ତୁ ୟଦ୍-ଭବେତ୍ ।
ତତ୍-ସର୍ବ କ୍ଷମତାଂ ଦେବ ନରାୟଣ ନମୋଽସ୍ତୁତେ ।।
ବିସର୍ଗବିନ୍ଦୁମାତ୍ରାଣି ପଦପାଦାକ୍ଷରାଣି ଚ ।
ନ୍ୟୁନାନି ଚାତିରିକ୍ତାନି କ୍ଷମସ୍ୱ ପୁରୁଷୋତ୍ତମ ।।

ଓମ୍ ତତ୍ ସତ୍ । ସର୍ବମ୍ ଶ୍ରୀ କୃଷ୍ଣାର୍ପଣାମସ୍ତୁ ।
ଓମ୍ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ।

| | |
|---|---|
| Sources<br>ସୂତ୍ର | • www.archive.org<br>• www.vedicheritage.gov.in<br>• www.academia.edu<br>• IISH Global (Indian Institute of Scientific Heritage)<br>• www.sanskritweb.net/samveda/<br>• Vedanta Spiritual Library – www.celextel.org<br>• www.wikipedia.org |
| Send Corrections to<br>ଭୁଲ ସୁଧାର ପାଇଁ ଯୋଗାଯୋଗ | prakash@scholarshoppe.com |
| Site access<br>ୱେବ ସାଇଟ୍ | www.scholarshoppe.com/veda-odia/ |

**ଏହି 'ପୁସ୍ତକ' ଟି ବୈଦିକ ସାହିତ୍ୟର ପ୍ରଥମ ଓଡିଆ ଡିଜିଟାଲ୍ ରୂପାନ୍ତର ଅଟେ ।**

Not For Commercial Use

ଅଥର୍ବବେଦ - ଶୌନକ ସଂହିତା

# ସପ୍ତଦଶ କାଣ୍ଡ

Not For Commercial Use

# ଓଁ ଶ୍ରୀ ଗଣେଶାୟ ନମଃ

# ଅଥର୍ବବେଦ - ଶୌନକ ସଂହିତା

## [ ଅଥଃ ସପ୍ତଦଶଂ କାଣ୍ଡମ୍ ]

==================================================================

**(୧୭|୧)** ଋଷିଃ - ବ୍ରହ୍ମା | ଛନ୍ଦ - ତ୍ର୍ୟବସାନା ଷଟ୍‌ପଦା ଜଗତୀ (୧), ତ୍ର୍ୟବସାନା ଷଟ୍‌ପଦା ଅତିଜଗତୀ (୨-୫), ତ୍ର୍ୟବସାନା ସପ୍ତପଦା ଅତ୍ୟଷ୍ଟିଃ (୬-୭, ୧୯), ତ୍ର୍ୟବସାନା ସପ୍ତପଦା ଅତିଧୃତିଃ (୮), ପଞ୍ଚପଦା ଶକ୍ୱରୀ (୯, ୧୪-୧୫), ତ୍ର୍ୟବସାନା ଅଷ୍ଟପଦା ଧୃତିଃ (୧୦), ତ୍ର୍ୟବସାନା ସପ୍ତପଦା ଧୃତିଃ (୧୧, ୧୬), ତ୍ର୍ୟବସାନା ସପ୍ତପଦା କୃତିଃ (୧୨), ତ୍ର୍ୟବସାନା ସପ୍ତପଦା ପ୍ରକୃତିଃ (୧୩), ପଞ୍ଚପଦା ବିରାଟ୍ ଅତିଶକ୍ୱରୀ (୧୭), ତ୍ର୍ୟବସାନା ସପ୍ତପଦା ଭୁରିକ୍ ଅଷ୍ଟିଃ (୧୮), କକୁପ୍ (୨୦), ଚତୁଷ୍ପଦା ଉପରିଷ୍ଟାଦ୍ ବୃହତୀ (୨୧), ଦ୍ୱିପଦା ଅନୁଷ୍ଟୁପ୍ (୨୨), ଦ୍ୱିପଦା ନିଚୃତ୍ ବୃହତୀ (୨୩), ତ୍ର୍ୟବସାନା ସପ୍ତପଦା ବିରାଟ୍ ଅତ୍ୟଷ୍ଟିଃ (୨୪), ଅନୁଷ୍ଟୁପ୍ (୨୫-୨୬), ଜଗତୀ (୨୭, ୩୦), ତ୍ରିଷ୍ଟୁପ୍ (୨୮-୨୯) | ଦେବତା - ଆଦିତ୍ୟଃ (୧-୩୦)

==================================================================

ବିଷାସହିଂ ସହମାନଂ ସାସହାନଂ ସହୀୟାଂସମ୍ |
ସହମାନଂ ସହୋଜିତଂ ସ୍ୱର୍ଜିତଂ ଗୋଜିତଂ ସଂଧନାଜିତମ୍ |
ଈଡ୍ୟଂ ନାମ ହ୍ୱ ଇନ୍ଦ୍ରମାୟୁଷ୍ମାନ୍ଭୂୟାସମ୍ ||୧||

ବିଷାସହିଂ ସହମାନଂ ସାସହାନଂ ସହୀୟାଂସମ୍ |
ସହମାନଂ ସହୋଜିତଂ ସ୍ୱର୍ଜିତଂ ଗୋଜିତଂ ସଂଧନାଜିତମ୍ |
ଈଡ୍ୟଂ ନାମ ହ୍ୱ ଇନ୍ଦ୍ରଂ ପ୍ରିୟୋ ଦେବାନାଂ ଭୂୟାସମ୍ ||୨||

ବିଷାସହିଂ ସହମାନଂ ସାସହାନଂ ସହୀୟାଂସମ୍ |
ସହମାନଂ ସହୋଜିତଂ ସ୍ୱର୍ଜିତଂ ଗୋଜିତଂ ସଂଧନାଜିତମ୍ |
ଈଡ୍ୟଂ ନାମ ହ୍ୱ ଇନ୍ଦ୍ରଂ ପ୍ରିୟଃ ପ୍ରଜାନାଂ ଭୂୟାସମ୍ ||୩||

Not For Commercial Use

ବିଷାସହିଂ ସହମାନଂ ସାସହାନଂ ସହୀୟାଂସମ୍ ।
ସହମାନଂ ସହୋଜିତଂ ସ୍ୱର୍ଜିତଂ ଗୋଜିତଂ ସଂଧନାଜିତମ୍ ।
ଈଡ୍ୟଂ ନାମ ହ୍ୱ ଇନ୍ଦ୍ରଂ ପ୍ରିୟଃ ପଶୂନାଂ ଭୂୟାସମ୍ ।।୪।।

ବିଷାସହିଂ ସହମାନଂ ସାସହାନଂ ସହୀୟାଂସମ୍ ।
ସହମାନଂ ସହୋଜିତଂ ସ୍ୱର୍ଜିତଂ ଗୋଜିତଂ ସଂଧନାଜିତମ୍ ।
ଈଡ୍ୟଂ ନାମ ହ୍ୱ ଇନ୍ଦ୍ରଂ ପ୍ରିୟଃ ସମାନାନାଂ ଭୂୟାସମ୍ ।।୫।।

ଉଦିହ୍ୟୁଦିହି ସୂର୍ୟ ବର୍ଚସା ମାଭ୍ୟୁଦିହି ।
ଦ୍ୱିଷଂଶ୍ଚ ମହ୍ୟଂ ରଧ୍ୟତୁ ମା ଚାହଂ ଦ୍ୱିଷତେ ରଧଂ ତବେଦ୍ୱିଷ୍ଣୋ ବହୁଧା ବୀର୍ୟାଣି ।
ତ୍ୱଂ ନଃ ପୃଣୀହି ପଶୁଭିର୍ବିଶ୍ୱରୂପୈଃ ସୁଧାୟାଂ ମା ଧେହି ପରମେ ବ୍ୟୋମନ୍ ।।୬।।

ଉଦିହ୍ୟୁଦିହି ସୂର୍ୟ ବର୍ଚସା ମାଭ୍ୟୁଦିହି ।
ୟାଂଶ୍ଚ ପଶ୍ୟାମି ୟାଂଶ୍ଚ ନ ତେଷୁ ମା ସୁମତିଂ କୃଧି ତବେଦ୍ୱିଷ୍ଣୋ ବହୁଧା ବୀର୍ୟାଣି ।
ତ୍ୱଂ ନଃ ପୃଣୀହି ପଶୁଭିର୍ବିଶ୍ୱରୂପୈଃ ସୁଧାୟାଂ ମା ଧେହି ପରମେ ବ୍ୟୋମନ୍ ।।୭।।

ମା ତ୍ୱା ଦଭନ୍ତ୍ସଲିଲେ ଅପ୍ସ୍ୱନ୍ତର୍ୟେ ପାଶିନ ଉପତିଷ୍ଠନ୍ତ୍ୟତ୍ର ।
ହିତ୍ୱାଶସ୍ତିଂ ଦିବମାରୁକ୍ଷ ଏତାଂ ସ ନୋ ମୃଡ ସୁମତୌ ତେ ସ୍ୟାମ ତବେଦ୍ୱିଷ୍ଣୋ ବହୁଧା ବୀର୍ୟାଣି ।
ତ୍ୱଂ ନଃ ପୃଣୀହି ପଶୁଭିର୍ବିଶ୍ୱରୂପୈଃ ସୁଧାୟାଂ ମା ଧେହି ପରମେ ବ୍ୟୋମନ୍ ।।୮।।

ତ୍ୱଂ ନ ଇନ୍ଦ୍ର ମହତେ ସୌଭଗାୟାଦବ୍-ଧେଭିଃ ପରି ପାହ୍ୟକ୍ତୁଭିସ୍ତବେଦ୍ୱିଷ୍ଣୋ ବହୁଧା ବୀର୍ୟାଣି ।
ତ୍ୱଂ ନଃ ପୃଣୀହି ପଶୁଭିର୍ବିଶ୍ୱରୂପୈଃ ସୁଧାୟାଂ ମା ଧେହି ପରମେ ବ୍ୟୋମନ୍ ।।୯।।

ତ୍ୱଂ ନ ଇନ୍ଦ୍ରୋତିଭିଃ ଶିବାଭିଃ ଶଂତମୋ ଭବ ।
ଆରୋହଂସ୍ତ୍ରିଦିବଂ ଦିବୋ ଗୃଣାନଃ ସୋମପୀତୟେ ପ୍ରିୟଧାମା ସ୍ୱସ୍ତୟେ ତବେଦ୍ୱିଷ୍ଣୋ ବହୁଧା ବୀର୍ୟାଣି ।
ତ୍ୱଂ ନଃ ପୃଣୀହି ପଶୁଭିର୍ବିଶ୍ୱରୂପୈଃ ସୁଧାୟାଂ ମା ଧେହି ପରମେ ବ୍ୟୋମନ୍ ।।୧୦।।

Not For Commercial Use

ତ୍ୱମିନ୍ଦ୍ରାସି ବିଶ୍ୱଜିତ୍ସର୍ବବିତ୍-ପୁରୁହୂତସ୍ତ୍ୱମିନ୍ଦ୍ର |
ତ୍ୱମିନ୍ଦ୍ରେମଂ ସୁହବଂ ସ୍ତୋମମେରୟସ୍ୱ ସ ନୋ ମୃଡ ସୁମତୌ ତେ ସ୍ୟାମ ତବେଦ୍ୱିଷ୍ଣୋ ବହୁଧା ବୀର୍ଯ୍ୟାଣି |
ତ୍ୱଂ ନଃ ପୃଣୀହି ପଶୁଭିର୍ବିଶ୍ୱରୂପୈଃ ସୁଧାୟାଂ ମା ଧେହି ପରମେ ବ୍ୟୋମନ୍ ||୧୧||

ଅଦବ୍ଧୋ ଦିବି ପୃଥିବ୍ୟାମୁତାସି ନ ତ ଆପୁର୍ମହିମାନମନ୍ତରିକ୍ଷେ |
ଅଦବ୍ଧେନ ବ୍ରହ୍ମଣା ବାବୃଧାନଃ ସ ତ୍ୱଂ ନ ଇନ୍ଦ୍ର ଦିବି ଷଂଚ୍ଛର୍ମ ୟଚ୍ଛ ତବେଦ୍ୱିଷ୍ଣୋ ବହୁଧା ବୀର୍ଯ୍ୟାଣି |
ତ୍ୱଂ ନଃ ପୃଣୀହି ପଶୁଭିର୍ବିଶ୍ୱରୂପୈଃ ସୁଧାୟାଂ ମା ଧେହି ପରମେ ବ୍ୟୋମନ୍ ||୧୨||

ୟା ତ ଇନ୍ଦ୍ର ତନୂରପ୍ସୁ ୟା ପୃଥିବ୍ୟାଂ ୟାନ୍ତରଗ୍ନୌ ୟା ତ ଇନ୍ଦ୍ର ପବମାନେ ସ୍ୱର୍ବିଦି |
ୟୟେନ୍ଦ୍ର ତନ୍ୱାଽନ୍ତରିକ୍ଷଂ ବ୍ୟାପିଥ ତୟା ନ ଇନ୍ଦ୍ର ତନ୍ୱା ଶର୍ମ ୟଚ୍ଛ ତବେଦ୍ୱିଷ୍ଣୋ ବହୁଧା ବୀର୍ଯ୍ୟାଣି |
ତ୍ୱଂ ନଃ ପୃଣୀହି ପଶୁଭିର୍ବିଶ୍ୱରୂପୈଃ ସୁଧାୟାଂ ମା ଧେହି ପରମେ ବ୍ୟୋମନ୍ ||୧୩||

ତ୍ୱାମିନ୍ଦ୍ର ବ୍ରହ୍ମଣା ବର୍ଧୟନ୍ତଃ ସତ୍ତ୍ରଂ ନି ଷେଦୁରୃଷୟୋ ନାଧମାନାସ୍ତବେଦ୍ୱିଷ୍ଣୋ ବହୁଧା ବୀର୍ଯ୍ୟାଣି |
ତ୍ୱଂ ନଃ ପୃଣୀହି ପଶୁଭିର୍ବିଶ୍ୱରୂପୈଃ ସୁଧାୟାଂ ମା ଧେହି ପରମେ ବ୍ୟୋମନ୍ ||୧୪||

ତ୍ୱଂ ତୃତଂ ତ୍ୱଂ ପର୍ୟେଷ୍ୟୁତ୍ସଂ ସହସ୍ରଧାରଂ ବିଦଥଂ ସ୍ୱର୍ବିଦଂ ତବେଦ୍ୱିଷ୍ଣୋ ବହୁଧା ବୀର୍ଯ୍ୟାଣି |
ତ୍ୱଂ ନଃ ପୃଣୀହି ପଶୁଭିର୍ବିଶ୍ୱରୂପୈଃ ସୁଧାୟାଂ ମା ଧେହି ପରମେ ବ୍ୟୋମନ୍ ||୧୫||

ତ୍ୱଂ ରକ୍ଷସେ ପ୍ରଦିଶଶ୍ଚତସ୍ରସ୍ତ୍ୱଂ ଶୋଚିଷା ନଭସୀ ବି ଭାସି |
ତ୍ୱମିମା ବିଶ୍ୱା ଭୁବନାନୁ ତିଷ୍ଠସ ଋତସ୍ୟ ପନ୍ଥାମନ୍ୱେଷି ବିଦ୍ୱାଂସ୍ତବେଦ୍ୱିଷ୍ଣୋ ବହୁଧା ବୀର୍ଯ୍ୟାଣି |
ତ୍ୱଂ ନଃ ପୃଣୀହି ପଶୁଭିର୍ବିଶ୍ୱରୂପୈଃ ସୁଧାୟାଂ ମା ଧେହି ପରମେ ବ୍ୟୋମନ୍ ||୧୬||

ପଞ୍ଚଭିଃ ପରାଙ୍‌ତପସ୍ୟେକୟାର୍ବାଙଂଶସ୍ତିମେଷି ସୁଦିନେ ବାଧମାନସ୍ତବେଦ୍ୱିଷ୍ଣୋ ବହୁଧା ବୀର୍ଯ୍ୟାଣି |
ତ୍ୱଂ ନଃ ପୃଣୀହି ପଶୁଭିର୍ବିଶ୍ୱରୂପୈଃ ସୁଧାୟାଂ ମା ଧେହି ପରମେ ବ୍ୟୋମନ୍ ||୧୭||

ତ୍ୱମିନ୍ଦ୍ରସ୍ତ୍ୱଂ ମହେନ୍ଦ୍ରସ୍ତ୍ୱଂ ଲୋକସ୍ତ୍ୱଂ ପ୍ରଜାପତିଃ |
ତୁଭ୍ୟଂ ୟଜ୍ଞୋ ବି ତାୟତେ ତୁଭ୍ୟଂ ଜୁହ୍ୱତି ଜୁହ୍ୱତସ୍ତବେଦ୍ୱିଷ୍ଣୋ ବହୁଧା ବୀର୍ଯ୍ୟାଣି |
ତ୍ୱଂ ନଃ ପୃଣୀହି ପଶୁଭିର୍ବିଶ୍ୱରୂପୈଃ ସୁଧାୟାଂ ମା ଧେହି ପରମେ ବ୍ୟୋମନ୍ ||୧୮||

Not For Commercial Use

ଅସତି ସତ୍ପ୍ରତିଷ୍ଠିତଂ ସତି ଭୂତଂ ପ୍ରତିଷ୍ଠିତମ୍ |
ଭୂତଂ ହ ଭବ୍ୟ ଆହିତଂ ଭବ୍ୟଂ ଭୂତେ ପ୍ରତିଷ୍ଠିତଂ ତବେଦ୍ୱିଷ୍ଣୋ ବହୁଧା ବୀର୍ୟାଣି |
ତ୍ୱଂ ନଃ ପୃଣୀହି ପଶୁଭିର୍ବିଶ୍ୱରୂପୈଃ ସୁଧାୟାଂ ମା ଧେହି ପରମେ ବ୍ୟୋମନ୍ ||୧୯||

ଶୁକ୍ରୋଽସି ଭ୍ରାଜୋଽସି |
ସ ୟଥା ତ୍ୱଂ ଭ୍ରାଜତା ଭ୍ରାଜୋଽସ୍ୟେବାହଂ ଭ୍ରାଜତା ଭ୍ରାଜ୍ୟାସମ୍ ||୨୦||

ରୁଚିରସି ରୋଚୋଽସି |
ସ ୟଥା ତ୍ୱଂ ରୁଚ୍ୟା ରୋଚୋଽସ୍ୟେବାହଂ ପଶୁଭିଶ୍ଚ ବ୍ରାହ୍ମଣବର୍ଚସେନ ଚ ରୁଚିଷୀୟ ||୨୧||

ଉଦ୍ୟତେ ନମ ଉଦାୟତେ ନମ ଉଦିତାୟ ନମଃ |
ବିରାଜେ ନମଃ ସ୍ୱରାଜେ ନମଃ ସମ୍ରାଜେ ନମଃ ||୨୨||

ଅସ୍ତଂୟତେ ନମୋଽସ୍ତମେଷ୍ୟତେ ନମୋଽସ୍ତମିତାୟ ନମଃ |
ବିରାଜେ ନମଃ ସ୍ୱରାଜେ ନମଃ ସମ୍ରାଜେ ନମଃ ||୨୩||

ଉଦଗାଦୟମାଦିତ୍ୟୋ ବିଶ୍ୱେନ ତପସା ସହ |
ସପତ୍ନାନ୍ମହ୍ୟଂ ରନ୍ଧୟନ୍ମା ଚାହଂ ଦ୍ୱିଷତେ ରଧଂ ତବେଦ୍ୱିଷ୍ଣୋ ବହୁଧା ବୀର୍ୟାଣି |
ତ୍ୱଂ ନଃ ପୃଣୀହି ପଶୁଭିର୍ବିଶ୍ୱରୂପୈଃ ସୁଧାୟାଂ ମା ଧେହି ପରମେ ବ୍ୟୋମନ୍ ||୨୪||

ଆଦିତ୍ୟ ନାବମାରୁକ୍ଷଃ ଶତାରିତ୍ରାଂ ସ୍ୱସ୍ତୟେ |
ଅହର୍ମାତ୍ୟପୀପରୋ ରାତ୍ରିଂ ସତ୍ରାତି ପାରୟ ||୨୫||

ସୂର୍ୟ ନାବମାରୁକ୍ଷଃ ଶତାରିତ୍ରାଂ ସ୍ୱସ୍ତୟେ |
ରାତ୍ରିଂ ମାତ୍ୟପୀପରୋଽହଃ ସତ୍ରାତି ପାରୟ ||୨୬||

ପ୍ରଜାପତେରାବୃତୋ ବ୍ରହ୍ମଣା ବର୍ମଣାହଂ କଶ୍ୟପସ୍ୟ ଜ୍ୟୋତିଷା ବର୍ଚସା ଚ |
ଜରଦଷ୍ଟିଃ କୃତବୀର୍ୟୋ ବିହାୟାଃ ସହସ୍ରାୟୁଃ ସୁକୃତଶ୍ଚରେୟମ୍ ||୨୭||

Not For Commercial Use

ପରିବୃତୋ ବ୍ରହ୍ମଣା ବର୍ମଣାହଂ କଶ୍ୟପସ୍ୟ ଜ୍ୟୋତିଷା ବର୍ଚସା ଚ |
ମା ମା ପ୍ରାପନ୍ନିଷବୋ ଦୈବ୍ୟା ୟା ମା ମାନୁଷୀରବସୃଷ୍ଟାଃ ବଧାୟ ||୨୮||

ଋତେନ ଗୁପ୍ତ ଋତୁଭିଶ୍ଚ ସର୍ବୈର୍ଭୂତେନ ଗୁପ୍ତୋ ଭବ୍ୟେନ ଚାହମ୍ |
ମା ମା ପ୍ରାପତ୍-ପାପ୍ମା ମୋତ ମୃତ୍ୟୁରନ୍ତର୍ଦଧେଽହଂ ସଲିଲେନ ବାଚଃ ||୨୯||

ଅଗ୍ନିର୍ମା ଗୋପ୍ତା ପରି ପାତୁ ବିଶ୍ୱତଃ ଉଦ୍ୟନ୍ତ୍ସୂର୍ୟୋ ନୁଦତାଂ ମୃତ୍ୟୁପାଶାନ୍ |
ବ୍ୟୁଚ୍ଛନ୍ତୀରୁଷସଃ ପର୍ବତା ଧ୍ରୁବାଃ ସହସ୍ରଂ ପ୍ରାଣା ମୟ୍ୟା ୟତନ୍ତାମ୍ ||୩୦||

## || ଇତି ପ୍ରଥମୋଽନୁବାକଃ ||

## || ଇତି ସପ୍ତଦଶଂ କାଣ୍ଡମ୍ ସମାପ୍ତମ୍ ||

Not For Commercial Use